# ଦର୍ଶକଙ୍କୁ ବାନ୍ଧିରଖିଲା ବିଷ୍ଣୁ ମୋହନଙ୍କ ଗୀତ

## ଧର୍ମଶାଳା ମହୋତ୍ସବର ଷଷ୍ଠ ସନ୍ଧ୍ୟା

**ଧର୍ମଶାଳା/କାଏମା,୩୧।୧୨ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ମୁକ୍ତାକାଶ ମଞ୍ଚରେ ମଙ୍ଗଳବାର ଜାରକା ମୟୂରୀ ଗ୍ରୁପ୍‌ର କଳାକାରମାନେ ନୃତ୍ୟ ପରିବେଷଣ କରିଛନ୍ତି। ସେହିପରି କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି ଓ ତାଙ୍କ ସାଥୀମାନେ ସଙ୍ଗୀତନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ବିଷ୍ଣୁ ମୋହନଙ୍କ ଓଡ଼ିଆ ଚଳଚ୍ଚିତ୍ର, ଓଡ଼ିଆ ଆଧୁନିକ ଓ ହିନ୍ଦୀ ସିନେମା ଗୀତ ବେଶ ମନଛୁଆଁ ହୋଇଥିଲା। ନୃତ୍ୟ ଓ ସଙ୍ଗୀତର ତାଳେତାଳେ ଦର୍ଶକମାନେ ଝୁମିଥିଲେ।

ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ କମିଟି ସଭାପତି ରବିନାରାୟଣ ସାହୁ, ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ଦାଶ, ଉପସଭାପତି ସର୍ବେଶ୍ୱର ବେହୁରା, ସମ୍ପାଦକ ଜିତେନ୍ଦ୍ର ରାଉତ, ସମ୍ପାଦକ ଶ୍ରୀକାନ୍ତ ସାହୁ, ସଂଯୋଜକ ଦେବରାଜ ମିଶ୍ର, ସବ୍ୟସାଚୀ ସୁନ୍ଦରରାୟ, ରାଜେଶ ପାଲ, କାଶୀନାଥ ସାହୁ, ରବୀନ୍ଦ୍ର କୁମାର ମହାନ୍ତି, ଲୋକନାଥ ମହାନ୍ତି ପ୍ରମୁଖ କର୍ମକର୍ତ୍ତା ଓ ସମସ୍ତ ସଦସ୍ୟ ପରିଚାଳନା କରୁଛନ୍ତି। ବୁଧବାର ନବବର୍ଷର ପ୍ରଥମ ସନ୍ଧ୍ୟାରେ କଣ୍ଠଶିଳ୍ପୀ ତାରିକ ଅଜିଜ ଏବଂ ତାଙ୍କ ସାଥୀ କଳାକାରମାନେ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି।


କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି ।


ମୟୂରୀ ଗ୍ରୁପ୍‌ର କଳାକାରମାନେ ନୃତ୍ୟ ପରିବେଷଣ କରିଛନ୍ତି।

## କୁଆଖିଆ ମହୋତ୍ସବର ଅଷ୍ଟମ ସନ୍ଧ୍ୟା

# କଳାକାରଙ୍କ ନୃତ୍ୟରେ ବିଭୋର ଦର୍ଶକ


ବୀଣାପାଣି କଳାନିକେତନର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

**ରସୁଲପୁର,୩୧।୧୨(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ସାରଙ୍ଗପୁର ମେଲଣ ପଡ଼ିଆରେ ଆୟୋଜିତ ହେଉଥିବା ୧୭ତମ କୁଆଖିଆ ମହୋତ୍ସବର ମଙ୍ଗଳବାର ଅଷ୍ଟମ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମରେ ବୀଣାପାଣି କଳାନିକେତନର କଳାକାରଙ୍କ ଦ୍ୱାରା ବିଭିନ୍ନ ଭାଷାଭାଷିର ପାରମ୍ପାରିକ ନୃତ୍ୟ ପରିବେଷଣ କରାଯାଇଛି। କଳାକାରଙ୍କ ନୃତ୍ୟରେ ଦର୍ଶକ ବିଭୋର ହୋଇଛନ୍ତି। କଳାକାରଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ, ପୌରାଣିକ, ବାରମାସରେ ତେର ଯାତ, କାଳିଯାଇ, ଦେବଦାସୀ, ଜଗନ୍ନାଥ ସଂସ୍କୃତି ଓ ଆଧୁନିକ ନୃତ୍ୟ ଦର୍ଶକଙ୍କୁ କାର୍ଯ୍ୟକ୍ରମ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। କ୍ରମଶଃ ଦର୍ଶକଙ୍କ ଭିଡ଼ ବଢୁଥିବାରୁ ବଜାରରେ ଟ୍ରାଫିକ ନିୟନ୍ତ୍ରଣ କଡ଼ାକଡ଼ି କରାଯାଇଥିଲା। ଦୋଳି, ମୀନାବଜାର, ଫାଷ୍ଟଫୁଡ, ସିଝାମକା ଆଦି ଦୋକାନରେ ଦର୍ଶକଙ୍କ ଭିଡ ଜମିଥିଲା। ମହୋତ୍ସବ କମିଟିର ସାଂସ୍କୃତିକ ସମ୍ପାଦକ ଉମେଶ ନାୟକ, ମହାସଚିବ ଅରୁଣ ସାହୁ, ସମ୍ପାଦକ ସନ୍ତୋଷ ରାଉତ, ସଭାପତି ଶିଶିର ମହାନ୍ତି, କାର୍ଯ୍ୟକର୍ତ୍ତା ଦିଲୀପ ଦାସ, ଗଦାଧର ଦାଶ, ସଞ୍ଜୀବ ସାମଲ, ଉମେଶ ପଲେଇ, ଶଶାଙ୍କ ଶେଖର ରାଉତ, ମିଟୁ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆନ୍ଧ୍ରରେ ସଡ଼କ ଦୁର୍ଘଟଣା: ଯୁବକ ମୃତ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୩୧।୧୨ (ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ):**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳୀପୁର ପଠାଣ ମହଲା ଗ୍ରାମର ୨ ଯୁବକ ମଙ୍ଗଳବାର ସକାଳେ ଆନ୍ଧ୍ରପ୍ରଦେଶରେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ନଳୀପୁର ପଠାଣ ମହଲା ଗ୍ରାମର ସେକ୍ ଶୋଲେମାନଙ୍କ ସାନପୁଅ ସେକ ତସଲିମ (୨୯)। ଗୁରୁତର ଜଣଙ୍କ ହେଲେ ସେକ୍ ମହମ୍ମଦ ଅଇନୁଲଙ୍କ ବଡ଼ପୁଅ ସେକ ମହମ୍ମଦ ଆସପାକ(୩୨)।

ତସଲିମ ଓ ଆସପାକ ବର୍ଷରୁ ଊର୍ଦ୍ଧ୍ୱ ହେବ ଆନ୍ଧ୍ରପ୍ରଦେଶରେ ରହି ଶ୍ରମିକ ଭାବେ କାମ କରୁଥିଲେ। ଗତ ମାସକ ତଳେ ଉଭୟ ଗ୍ରାମକୁ ଆସି ପୁଣି ଫେରି ଯାଇଥିଲେ। ସକାଳେ ଆନ୍ଧ୍ରପ୍ରଦେଶର ଟଡେପଲ୍ଲୀ ଗୁଡେମ କାରିସତ୍ୟଭାତି ନଗର ନିକଟରେ ଚାଲିଚାଲି ଯାଉଥିବା ବେଳେ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟ ଗୁରୁତର ହୋଇଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲା।

# ନବଭାରତୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

**ବରୀ,୩୧।୧୨(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ୍ ଅଧୀନ ଶଙ୍ଖାରିଗଡ଼ା ନବଭାରତୀ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ୩ ଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟଶାଣୀ, ଶିକ୍ଷାବିତ ଦାମୋଦର ବେହେରା, ଗ୍ଲୋବାଲ ପିସ ଫାଉଣ୍ଡେସନ ଅଧ୍ୟକ୍ଷ ଡା. ରାଜକିଶୋର ପଣ୍ଡା, ବରୀ ବ୍ଲକ ଉପାଧ୍ୟକ୍ଷ ଅର୍ଚ୍ଚନା ମଲିକ, ସ୍ଥାନୀୟ ସରପଞ୍ଚ ହରପ୍ରିୟା ସାହୁ, ଶିକ୍ଷାବିତ୍ ମନୋରଞ୍ଜନ ମହାନ୍ତି, ସାମ୍ବାଦିକ କୈଳାସ ଚନ୍ଦ୍ର ନାୟକ, ପଣ୍ଡିତ ବିରେନ ପଣ୍ଡା, ପ୍ରଫେସର କୁମରବର ଦାସ, ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ବରୀ ତହସିଲଦାର ମାନସ ରଞ୍ଜନ ସ୍ୱାଇଁ, ବିଡିଓ ମହେଶ୍ୱର ସେଠୀଙ୍କ ସମେତ ବହୁ ଶିକ୍ଷାବିତ, ବୈଜ୍ଞାନିକ, ପ୍ରଶାସନିକ ଅଧିକାରୀ ଯୋଗଦେଇ ଅନୁଷ୍ଠାନର ଏତାଦୃଶ କାର୍ଯ୍ୟ ପାଇଁ ସାଧୁବାଦ ଜଣାଇଥିଲେ। ପୁରାତନ ଛାତ୍ରମାନଙ୍କ ପକ୍ଷରୁ କ୍ଷୁଦ୍ର ନାଟକ, ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆଧ୍ୟାତ୍ମିକ ନାଟକ, ପେଟେଣ୍ଟ ମେଡିସିନ ଭଳି ଲୋକପ୍ରିୟ ନାଟକ ପରିବେଷଣ କରାଯାଇଥିଲା।

୧୯୯୩ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶେଷ ଦିବସରେ କରୁଣାକର ଭଜନ ଟିମ୍ ଯୋଗ ଦେଇଥିବାବେଳେ ୨୦୦୯ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ପକ୍ଷରୁ ପପୁ ପମ ପମ୍ କମେଡି ନାଇଟ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିବାକୁ ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ଭିଡ଼ ଜମିଥିଲା। ପ୍ରତିଦିନ ହଜାର ଲୋକଙ୍କ ପାଇଁ ଭୋଜନ ବ୍ୟବସ୍ଥା କରାଯାଇଥିଲା। ଏହା କମିଟି ଆବାହକ ନବଘନ ପାଣିଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା।


ନବଭାରତୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି।

# ଶୁଦ୍ଧିକ୍ରିୟା ପାଇଁ ସହାୟତା କଲା ହେଲ୍‌ପିଂ ଗ୍ରୁପ୍

**ପାଣିକୋଇଲି,୩୧।୧୨(ବିକାଶ ମଲ୍ଲିକ):**

ଶୁଦ୍ଧିକ୍ରିୟା ପାଇଁ ସହାୟତା କରିଛି ପାଣିକୋଇଲିର ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପ। କୋରେଇ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଶବର ସାହିର ମନ୍ଦିର ଖଟୁଆ ଜଣେ ଦିନ ମଜୁରିଆ ବ୍ୟକ୍ତି ହୋଇଥିବାବେଳେ ତାଙ୍କର ଗତ ୨୦ ତାରିଖରେ ମୃତ୍ୟୁ ହୋଇଥିଲା। ତାଙ୍କ ପରିବାର ଖଟୁଆଙ୍କ ଏକାଦଶାହ କ୍ରିୟା କରିବା ଲାଗି ଅସମର୍ଥ ହେବାରୁ ହେଲପିଂ ଗ୍ରୁପର ସହାୟତା ଲୋଡ଼ିଥିଲେ। ଗ୍ରୁପ ଉପଦେଷ୍ଟା ସୁବାସ ଧଳ, ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ, ତାରିଣୀ ପଟ୍ଟନାୟକ, ସଭାପତି ଅଶୋକ ଦାସ, ସୁନୀଲ ଓଝା ପ୍ରମୁଖ ପହଞ୍ଚି ସହାୟତା କରିଥିଲେ।

# କଳିଙ୍ଗନଗର ପୁସ୍ତକମେଳା ଉଦ୍‌ଘାଟିତ

**ଯାଜପୁରରୋଡ୍,୩୧।୧୨ (ପବିତ୍ର ରଞ୍ଜନ ମହାନ୍ତି):**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଯାଜପୁର ଜିଲା ପ୍ରଶାସନ ଓ କଳିଙ୍ଗନଗର ପୁସ୍ତକ ମେଳା କମିଟି ଆନୁକୂଲ୍ୟରେ ୯ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳା ଚୋରଦା କାଳୀ ମେଲଣ ପଡ଼ିଆଠାରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପୁସ୍ତକ ମେଳା କମିଟି ଅଧ୍ୟକ୍ଷ ତଥା କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ମେଳା କମିଟି ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସାଧାରଣ ସମ୍ପାଦକ ଡ. କୁଶଚନ୍ଦ୍ର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭା ପ୍ରାରମ୍ଭରେ ମନମୋହନ ସିଂଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଥିବାରୁ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ପୁସ୍ତକ ମେଳା କମିଟିର ମୁଖ୍ୟ ଉପଦେଷ୍ଟା ସବିତା ରାଉତ, କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ମହାନ୍ତି, ଉପଦେଷ୍ଟା ଅଭିମନ୍ୟୁ ମିଶ୍ର, ଉପସଭାପତି ହୃଷୀକେଶ ସାହୁ, ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି, ଅକ୍ଷୟ ଦେଓ, ଅଜୟ କୁମାର ପଣ୍ଡା, ବରିଷ୍ଠ ସଭ୍ୟ ଚନ୍ଦ୍ରମଣି ସାମଲ, ମଧୁସୂଦନ ମହାପାତ୍ର, ବରିଷ୍ଠ ସାମ୍ବାଦିକ ସଂଗ୍ରାମ ସିଂ, ଚଣ୍ଡୀ କ୍ଲବ ସଭାପତି ପ୍ରମୋଦ ରାଉତ, ସମ୍ପାଦକ ଶିଶିର ରାଉତ, ପ୍ରଦ୍ୟୁମ୍ନ ବୋଇତାଇ, ଅଧ୍ୟକ୍ଷ ହିମାଂଶୁ ଦ୍ୱିବେଦୀ, ଅଧ୍ୟାପକ ବିବେକାନନ୍ଦ ଜେନା, ଜ୍ଞାନରଞ୍ଜନ ରାଉତ, ଧୀରେନ୍ଦ୍ର କୁମାର ସାହୁ, ଅଶ୍ୱିନୀ ଦାସ, ଅଧ୍ୟାପିକା ମମତା ସାମଲ, ସନାତନ ଦାସ, ରାଜୀବ ଲୋଚନ ରାଉତ, ପଦ୍ମାକର ଗୁରୁ, ସୌମେନ୍ଦ୍ର ଜେନା ଓ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ନାଟ୍ୟକାର ବିକାଶ ଦାସ ଏବଂ ତାଙ୍କ ସାଥୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ଉପସଭାପତି ଡ. ଅକ୍ଷୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।



କଳିଙ୍ଗନଗର ପୁସ୍ତକ ମେଳା ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

# କୃଷି ଯନ୍ତ୍ରପାତି ମେଳା ଚାଷୀଙ୍କ ପାଇଁ ଉପଯୋଗୀ ହେବ

## ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

**ଯାଜପୁର ଟାଉନ,୩୧।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**


ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପନୀ ଉତ୍ସବରେ ଜଣେ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଯାଜପୁର ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ଓ ଡେପୁଟି କଲେକଟର ରଶ୍ମି ରଞ୍ଜନ ମଲ୍ଲିକ ଯୋଗ ଦେଇଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ଅରୁଣ କୁମାର ବେହେରା ସଭାରେ ଅଧ୍ୟକ୍ଷତା କରିଥିଲେ। ୫ ଦିନ ଧରି ଆୟୋଜିତ ହୋଇଥିବା ଏହି ମେଳା ଜିଲାର ଚାଷୀ ଓ ଅନ୍ୟ ସମସ୍ତ ଭାଗିଦାରଙ୍କ ପାଇଁ ବିଶେଷ ଉପଯୋଗୀ ହୋବବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଗାମୀ ବର୍ଷଗୁଡ଼ିକରେ ଆହୁରି ଅଧିକ ସଂଖ୍ୟକ କୃଷକଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଅତିଥି ପରାମର୍ଶ ଦେଇଥିଲେ। ମେଳାରେ ମୋଟ ୬୦ କୃଷକଙ୍କୁ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ସେଚାଞ୍ଚଳରେ ଅଣ ଧାନ ଚାଷ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ନୂତନ କୃଷି ଯନ୍ତ୍ରପାତି ଉଦ୍ଭାବନ ନିମନ୍ତେ ଜିଲା ୪ କୃଷକଙ୍କୁ ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ବିବେଚିତ ମଣ୍ଡପଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ମେଳାରେ ମୋଟ ୧୨ ବିଷୟରେ କୃଷକ ବୈଜ୍ଞାନିକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଜିଲାର ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ କୃଷକ ଏହି ମେଳା ପରିଦର୍ଶନ କରିଥିଲେ। ଜିଲା କୃଷି ଅଧିକାରୀ ଅରୁଣ କୁମାର ପାତ୍ର କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। ମୃତିକା ସହକାରୀ ନିର୍ଦ୍ଦେଶକ ମୀରା ପରିଚ୍ଛାଙ୍କ ସମେତ ସମସ୍ତ କୃଷି ଅଧିକାରୀ ଓ କର୍ମଚାରୀ ମେଳା ପରିଚାଳନା କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦେବାଶିଷ


@ କୃଷ୍ଣ


@ ସସ୍ମିତା


@ ଶିବରାମ


@ ଶୁଭଲକ୍ଷ୍ମୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୋରେଇ ଭବନ ସ୍ଥାନରୁ ଜବରଦଖଲ ଉଚ୍ଛେଦ ଦାବି

**ପାଣିକୋଇଲି,୩୧।୧୨(ବିକାଶ ମଲ୍ଲିକ):**

କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତରେ କୋରେଇ ଭବନ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି। ତତ୍କାଳୀନ ବିଧାୟକ ଆକାଶ ଦାସନାୟକ ଏହାକୁ ଆରମ୍ଭ କରିଥିଲେ। ଏହା ମଧ୍ୟରେ କିଛି ବ୍ୟକ୍ତି ଉକ୍ତ ଜାଗାକୁ ଜବରଦଖଲ କରିଛନ୍ତି। ରାଜ୍ୟ ସରକାର ସରକାରୀ ଜମି ଜବରଦଖଲ ହଟାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ହେଲେ ଏଠାରେ ସରକାରୀ ଜମି ଜବରଦଖଲ ହେଉଥିବାବେଳେ ରାଜସ୍ୱ ବିଭାଗ ହାତବାନ୍ଧି ବସିଛି। କୋରେଇ ଭବନର କିଛି ଅଂଶ ଜବରଦଖଲ ହୋଇଥିବା ନଜରକୁ ଆସିଛି। ତୁରନ୍ତ ରାଜସ୍ୱ ବିଭାଗ ଉକ୍ତ ସ୍ଥାନରୁ ଜବରଦଖଲ ହଟାଇବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ଚୋରା ମଦ ଦୋକାନ, ବୋତଲ ଭାଙ୍ଗିଲେ ମହିଳା

**ରାଜନଗର, ୩୧।୧୨ (ଭାସ୍କର ରାଉତରାୟ)**

■ ୩ ଘଣ୍ଟା ଧରି ରାଜନଗର-ଗୁପ୍ତି ମୁଖ୍ୟ ରାସ୍ତାରୋକୋ
■ ହଟହଟା ହେଲେ ପର୍ଯ୍ୟଟକ

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅନ୍ତର୍ଗତ କୁରୁଣ୍ଟି ଗାଁରେ ସରକାରୀ ଜାଗାରେ ଖୋଲିଥିବା ଚୋରା ମଦ ଦୋକାନକୁ ଉତ୍ତ୍ୟକ୍ତ ମହିଳା ମଙ୍ଗଳବାର ଭାଙ୍ଗି ଦେଇଛନ୍ତି। ଏଥିସହ ଦୋକାନ ଘରେ ଥିବା ମଦ ବୋତଲକୁ ରାସ୍ତାରେ ଭାଙ୍ଗିଛନ୍ତି। ପ୍ରତିବାଦ ସ୍ୱରୂପ ଉତ୍ତ୍ୟକ୍ତ ମହିଳାମାନେ ଦୀର୍ଘ ୩ ଘଣ୍ଟା ଧରି ରାଜନଗର-ଗୁପ୍ତି ମୁଖ୍ୟ ରାସ୍ତାରେ ଟାୟାର ଜାଳି ଅବରୋଧ କରି ପ୍ରତିବାଦ କରିଥିଲେ। ଖବରପାଇ କୁରୁଣ୍ଟି ସରପଞ୍ଚ ସସ୍ମିତା ମହାନ୍ତି, ଆଇଆଇସି ଅଜୟ କୁମାର ଜେନା, ତହସିଲଦାର ଅଜୟ କୁମାର ମହାନ୍ତି, ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ଅବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ବିକ୍ରମ ମଣ୍ଡଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ମହିଳାମାନେ କୁରୁଣ୍ଟି ଛକରେ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ହେବ ଏବଂ ଚୋରାମଦ କାରବାର ସମ୍ପୂର୍ଣ୍ଣ ବନ୍ଦ ହେବ ବୋଲି ପ୍ରତିଶ୍ରୁତି ପାଇବା ପରେ ରାସ୍ତାରୋକୋରୁ ଉଠିଥିଲେ। ମଙ୍ଗଳବାର ବର୍ଷର ଶେଷ ଦିନ ଥିବାରୁ ହଜାର ହଜାର ପର୍ଯ୍ୟଟକ ପେଣ୍ଠ ବେଳାଭୂମି ଓ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ଭିତରକନିକା ଆସିଥିଲେ। ଫେରିବା ସମୟରେ ରାସ୍ତାରୋକୋ ଯୋଗୁ ଶହ ଶହ ପର୍ଯ୍ୟଟକ ହଇରାଣ ହୋଇଥିଲେ।

ସୂଚନାଯୋଗ୍ୟ, କୁରୁଣ୍ଟିଠାରେ ବେଆଇନ ଭାବେ ଚୋରା ମଦ ଖୁଲମଖୁଲା ବିକ୍ରି ହେଉଥିଲା। ଏହି ଚୋରାମଦ ପିଇ ୨ ମାସ ଭିତରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି, ଯାହାକୁ ନେଇ ମହିଳାମାନେ ପ୍ରତିବାଦ ସ୍ୱରୂପ ରାଜରାସ୍ତାକୁ ଓହ୍ଲାଇଥିଲେ। ଘଟଣାକ୍ରମେ ୨ମାସ ତଳେ ବଳରାମପୁର ଗାଁର ସର୍ବେଶ୍ୱର ପରିଡା ଚୋରା ମଦ କାଉଣ୍ଟରରୁ ମଦ ପିଇ ଘରକୁ ଯିବା ବେଳେ ପୋଖରୀରେ ପଡ଼ି ମୃତ୍ୟୁ ଘଟିଥିଲା। ୮ ଦିନ ତଳେ କୁରୁଣ୍ଟି ଗାଁର ଅନିରୁଦ୍ଧ ସ୍ୱାଇଁ ଏହି ଚୋରା କାଉଣ୍ଟରରୁ ମଦ ପିଇ ଘରକୁ ଫେରିବା ବେଳେ ଗଛରେ ବାଇକ୍ ବାଡେଇ ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ଗାଁରେ ପହଞ୍ଚିବା ପରେ ମହିଳାମାନେ ରାସ୍ତାକୁ ଓହ୍ଲାଇଥିଲେ। ଏହି ଚୋରା ମଦ ପାଇଁ ଅକାଳେ ଜୀବନ ଝଡ଼ି ପଡୁଥିବା ଅଭିଯୋଗ କରି ମହିଳାମାନେ ରାଜନଗର-ଗୁପ୍ତି ମୁଖ୍ୟ ରାସ୍ତାର କୁରୁଣ୍ଟି ଛକରେ ସରକାରୀ ଜାଗାରେ ଚାଲିଥିବା ବେଆଇନ ଚୋରାମଦ କାଉଣ୍ଟର ପାଖରେ ପହଞ୍ଚିଥିଲେ। ଖବରପାଇ ଚୋରାମଦ ବେପାରୀ ସେଠାରୁ ଫେରାର ହୋଇଯାଇଥିଲେ। ମହିଳାମାନେ ସେହି ଘର ଭାଙ୍ଗି ୨ ପେଟି ମଦ ଓ ଗୋଟିଏ ପେଟି ବିୟର ପାଇ ଏହାକୁ ମୁଖ୍ୟରାସ୍ତାରେ ଭାଙ୍ଗିଥିଲେ। ଚୋରାମଦ କାରବାର ବନ୍ଦ କରିବା, ଚୋରା ମଦ ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ସରକାରୀ ଜାଗାରେ ଏହି ବେଆଇନ ମଦ କାଉଣ୍ଟରକୁ ହଟାଇବା ଦାବିରେ ସ୍ୱୟଂ ସହାୟିକା ଗୋଷ୍ଠୀର ଶତାଧିକ ମହିଳା ରାଜନଗର-ଗୁପ୍ତି ମୁଖ୍ୟ ରାସ୍ତା ଉପରେ ବସି ରହିଥିଲେ।



ରାଜନଗର-ଗୁପ୍ତି ମୁଖ୍ୟ ରାସ୍ତାର କୁରୁଣ୍ଟି ଛକରେ ଟାୟାର ଜାଳି ମହିଳାମାନେ ଅବରୋଧ କରି ପ୍ରତିବାଦ କରୁଛନ୍ତି।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଲେ ଏମ୍‌ପି ବୈଜୟନ୍ତ



କ୍ଷତିଗ୍ରସ୍ତ ଚାଷୀଙ୍କୁ ଏମ୍‌ପି ବୈଜୟନ୍ତ ପଣ୍ଡା ଭେଟୁଛନ୍ତି।

**କେନ୍ଦ୍ରାପଡ଼ା, ୩୧।୧୨ (ଜଗନ୍ନାଥ ଧଳ)**

ଅଦିନିଆ ବର୍ଷା କେନ୍ଦ୍ରାପଡ଼ା ଜିଲାର ଖରିଫ ଧାନ ଚାଷକୁ ପ୍ରଭାବିତ କରିଛି। ଚଳିତ ଖରିଫ ଋତୁରେ ହୋଇଥିବା ଫସଲକୁ ଦେଖି ଚାଷୀ ଉଲ୍ଲସିତ ଥିବା ବେଳେ ଲଗାଣ ବର୍ଷା ଏବେ ଚାଷୀଙ୍କ କାଳ ସାଜିଛି। ଏହି କ୍ଷତିଗ୍ରସ୍ତ ଚାଷୀଙ୍କୁ ଏମ୍‌ପି ବୈଜୟନ୍ତ ପଣ୍ଡା ଭେଟି ସାନ୍ତ୍ୱନା ଦେବା ସହ କ୍ଷତିପୂରଣରେ ରାଜ୍ୟ ସରକାର ସହଯୋଗ କରିବେ ବୋଲି ମଙ୍ଗଳବାର କହିଛନ୍ତି। ପୂର୍ବାହ୍ନରେ ଏମ୍‌ପି ପଣ୍ଡା କେନ୍ଦ୍ରାପଡ଼ା ବ୍ଲକ୍ ଜଜାଙ୍ଗ ଓ ଡେରାବିଶ ବ୍ଲକ୍ ବାରିମୂଳ ଅଞ୍ଚଳର କ୍ଷେତକୁ ଯାଇଥିଲେ। କ୍ଷେତରେ ନଷ୍ଟ ହୋଇଥିବା ଧାନ ଫସଲକୁ ଦେଖି ଏ ସମ୍ପର୍କରେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କୁ କ୍ଷୟକ୍ଷତି ବାବଦ ତଥ୍ୟ ତୁରନ୍ତ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ନେତା ଆସିଲେ, ମୃତ ଚାଷୀଙ୍କୁ ଭୁଲିଗଲେ

**କେନ୍ଦ୍ରାପଡ଼ା, ୩୧।୧୨ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାରେ ଲଗାଣ ବର୍ଷା ଖରିଫ ଧାନ ଚାଷକୁ କ୍ଷତି କରିଛି। ଏ ନେଇ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ ଏମ୍‌ପିଙ୍କ ସମେତ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ଜିଲା ଗସ୍ତ କରିଛନ୍ତି। ଏହାସତ୍ତ୍ୱେ ବର୍ଷା ଯୋଗୁ ଚାଷୀ ଆତ୍ମହତ୍ୟା ଭଳି ଅଭିଯୋଗ ଆଣିଥିବା ପରିବାର କଥା ନେତାମାନେ ଭୁଲିଗଲେ। ଏପରି ଆଲୋଚନା ସାମାଜିକ ଗଣମାଧ୍ୟମରେ ଜିଲାରେ ଆଲୋଚନା ଜୋର ଧରିଛି।

ଏ ସମ୍ପର୍କରେ କୃଷକ ନେତା ବିଧୁଭୂଷଣ ମହାପାତ୍ର, ଫକିର ଚରଣ ଖଟୁଆ, ଗୟାଧର ଧଳ, ଜଗତଜୀବନ ଦାସ, ସାମାଜିକ କର୍ମୀ ବାନାମ୍ବର ସାହୁ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ାର ଅର୍ଥନୀତିରେ କୃଷିର ପ୍ରମୁଖ ଯୋଗଦାନ ରହିଛି। ଜିଲାର ପ୍ରାୟ ୬୯ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଛନ୍ତି। ପ୍ରତିବର୍ଷ ସାମୁଦ୍ରିକ ଝଡ଼, ବନ୍ୟା ଓ ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଉପରେ ପ୍ରହାର କରୁଛି। ଏହି ଜିଲାରେ ଖରିଫ ଧାନ ପ୍ରମୁଖ ଚାଷ। ଲଗାଣ ବର୍ଷାରେ ଜଳ ନିଷ୍କାସନ ନ ହୋଇ ଜିଲାର ୧ ଲକ୍ଷ ୨୪ ହଜାର ଏକର ଖରିଫ ଧାନ ଚାଷର ପ୍ରାୟ ୪୪ ପ୍ରତିଶତ ପ୍ରଭାବିତ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ରିପୋର୍ଟ ହୋଇଛି। କ୍ଷେତରେ ଧାନ ନଷ୍ଟହେବା ଦେଖି ଡେରାବିଶ ବ୍ଲକ୍ ନହଙ୍ଗ ପଞ୍ଚାୟତ ସନ୍ଥପୁରା ଗ୍ରାମର ଭାବଗ୍ରାହୀ ମଲ୍ଲିକ ଓ ଖମୋଳ ପଞ୍ଚାୟତ କୋଷିଦା ଗ୍ରାମର ଦୈତାରି ଜେନା ଆତ୍ମହତ୍ୟା କରିଥିବା ଅଭିଯୋଗ ଆସିଥିଲା। ଏହାସତ୍ତ୍ୱେ ଶାସକ ଓ ବିରୋଧୀ ଦଳ ନେତାଙ୍କ ଗସ୍ତ ସମୟରେ ମୃତ କୃଷକଙ୍କ ପରିବାରକୁ ଭୁଲିଯିବା ନିହାତି ଦୁଃଖର କଥା। ଆତ୍ମହତ୍ୟା ଅଭିଯୋଗ ଆସିବା ପରେ ପାଟକୁରା ବିଧାୟକ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବାକୁ ଯାଇଥିଲେ। ତେବେ ଦଳୀୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜନଗର ନିର୍ବାଚନମଣ୍ଡଳୀ ମଙ୍ଗଳବାର ଆସିଥିଲେ ମଧ୍ୟ ମୃତ ଚାଷୀଙ୍କ ପରିବାରବର୍ଗଙ୍କୁ ଭେଟିବା ପାଇଁ ସମୟ ରଖିଲେ ନାହିଁ। ସେହିପରି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କେନ୍ଦ୍ରାପଡ଼ା ଗସ୍ତକରି ଜିଲାର ଖରିଫ ଚାଷ କ୍ଷୟକ୍ଷତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏଥିସହ କେତେକ ଅଞ୍ଚଳ ଗସ୍ତକରି ଚାଷୀଙ୍କୁ ଭେଟିଥିଲେ। ସେହିପରି କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା ଜଜାଙ୍ଗ ଓ ବାରିମୂଳ ଚାଷୀଙ୍କୁ ଭେଟିଥିଲେ ମଧ୍ୟ ମୃତ ଚାଷୀଙ୍କ ପରିବାର ପ୍ରତି ସମବେଦନା ପ୍ରକାଶ ପାଇଁ ସେହି ଗ୍ରାମକୁ ଯାଇନାହାନ୍ତି। ପ୍ରଶାସନ ପକ୍ଷରୁ ମୃତ ଚାଷୀ ଦ୍ୱୟଙ୍କ ଆତ୍ମହତ୍ୟା ଚାଷଜନିତ ନୁହେଁ ବୋଲି ରିପୋର୍ଟ ଦେବା ତୃଣମୂଳରେ ଥିବା ଚାଷୀଙ୍କୁ ଆଘାତ ଦେଇଛି। ମୃତ ଚାଷୀଦ୍ୱୟଙ୍କ ପରିବାରକୁ କ୍ଷତିଭରଣା ପାଇଁ ଆର୍ଥିକ ସହଯୋଗ ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି।

# ପାରାଦୀପ ହୋର୍ଡିଂ ପ୍ରତିଯୋଗିତାରେ ସାମିଲ ହେଲା ବିଜେଡି

**ପାରାଦୀପ ୩୧।୧୨(ଶରତ ରାଉତ)**

ଇଂରାଜୀ ନବବର୍ଷ ୨୦୨୫ ପାଇଁ ଏବେ ବନ୍ଦର ସହର ପାରାଦୀପରେ ଚାରିଆଡେ ହୋର୍ଡିଂ ଲାଗିଛି। ଏହି ହୋର୍ଡିଂ ଗତ ୨୦ ତାରିଖରୁ ଲାଗିଲାଣି। କିନ୍ତୁ ସେଥିରେ ବିଜେଡି ନେତା କିମ୍ବା ଦଳ ସୋମବାର ପର୍ଯ୍ୟନ୍ତ ଅଦୃଶ୍ୟ ଥିଲା। ମଙ୍ଗଳବାର ପାରାଦୀପର ଅଠରବାଙ୍କୀ ଛକ, ମାଉସୀ ମା' ମନ୍ଦିର ଛକ, ଥାନା ଛକ, ବ୍ୟାଙ୍କ ଛକ ଆଦି ସ୍ଥାନରେ ବିଜେଡି ନେତା ଓ କର୍ମୀଙ୍କ ହୋର୍ଡିଂ ଲାଗିଥିବା ଦେଖିବାକୁ ମିଳିଛି। ସେଥିରୁ ସର୍ବାଧିକ ହୋର୍ଡିଂ କଂଗ୍ରେସରୁ ଆସି ବିଜେଡିରେ ମିଶିଥିବା ଅରିନ୍ଦମ ସର୍ଖେଲଙ୍କ ରହିଛି। ତେବେ ଭାଜପା ନେତା ଓ କର୍ମୀଙ୍କ ହୋର୍ଡିଂ ଚଳିତ ବର୍ଷ ଅଧିକ ଲାଗିଛି।



ୟୁଏଇର ମୀନା ସାକର ପୋର୍ଟରୁ ପଣ୍ୟ ନେଇ ଆସିଥିବା ଜାହାଜ (ସିଙ୍ଗାପୁର ପତାକା)ଏମ୍‌ଭି ପର୍ପଲ ପର୍ଚୁନ ଆଇନଗତ ମାମଲାରେ ଛନ୍ଦି ହେବାପରେ ମଙ୍ଗଳବାର ପାରାଦୀପ ସିକ୍ୟୁ ୨ ବର୍ଥରେ ଅଟକି ରହିଛି। (ଫଟୋ- ଶରତ ରାଉତ)

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ଡେରାବିଶ ଅଞ୍ଚଳ କ୍ଷତିଗ୍ରସ୍ତ ଚାଷୀ**

**ଡେରାବିଶ, ୩୧।୧୨ (ସ୍ୱପ୍ର)**

କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳରେ ଅଦିନିଆ ବର୍ଷା ବ୍ୟାପକ ଫସଲ ହାନି କରିଛି। ଏହି ଫସଲହାନି ପାଇଁ ବ୍ଲକ ଅଞ୍ଚଳର ଦୁଇଜଣ ଚାଷୀ ମଧ୍ୟ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ତେବେ ପ୍ରଶାସନ ପକ୍ଷରୁ ଏଯାଏ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ନ ଦେବା ବିଶେଷ କରି ଗରିବ ଭାଗଚାଷୀଙ୍କୁ କୃଷି ବୀମା ଯୋଜନାରୁ ବଞ୍ଚିତ କରାଯିବା ନେଇ ସେମାନେ ମାନସିକ ଦୁଃଶ୍ଚିନ୍ତାରେ ଜୀବନ ଅତିବାହିତ କରୁଛନ୍ତି। ଏ ନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଅଞ୍ଚଳର ଶତାଧିକ ଚାଷୀ ଡେରାବିଶ ତହସିଲଦାରଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏଥିରେ ବ୍ଲକ ଅଞ୍ଚଳର ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରିବା ସହ ଭାଗଚାଷୀଙ୍କୁ କୃଷି ବୀମା ଯୋଜନାରେ ଅର୍ନ୍ତଭୁକ୍ତ କରି କ୍ଷତିପୂରଣ ଦେବାକୁ ଉଲ୍ଲେଖ କରିଛନ୍ତି। ଏଥିସହ ଗ୍ରସ୍ତ ଚାଷୀଙ୍କ ଖରିଫ୍ ଚାଷ ଋଣକୁ ଛାଡ଼ କରିବା, ବର୍ଷାରେ ବେରଙ୍ଗ ହୋଇଥିବା ଧାନକୁ ମଣ୍ଡି ମାଧ୍ୟମରେ କ୍ରୟ କରାଯିବାର ବ୍ୟବସ୍ଥା ହେଲେ ସମସ୍ତ ଚାଷୀଙ୍କ ପରିବାର ଉପକୃତ ହୋଇପାରିବେ ବୋଲି ନିବେଦନ କରିଛନ୍ତି। ଏକ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ଦ୍ୱାରା ଚାଷଜମିରେ ଉଜୁଡ଼ି ଯାଇଥିବା ଫସଲକୁ ତଦନ୍ତ କରାଯିବା ପାଇଁ ଚାଷୀମାନେ ନିବେଦନ କରିଛନ୍ତି। କାଉପଡ଼ା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ପ୍ରଶାନ୍ତ କୁମାର ଦାସଙ୍କ ନେତୃତ୍ୱରେ ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, ପୂର୍ବତନ ସରପଞ୍ଚ ରଜନୀକାନ୍ତ ଦାସ, ରତ୍ନାକର ରାଉତ, କ୍ଷୀରୋଦ ନାୟକ, ରମେଶ ଚନ୍ଦ୍ର ଦାସ, ଗଣେଶ୍ୱର ବେହେରା, ଦାମୋଦର ବେହେରା, ପ୍ରମିଳା ଦାଶ, ରଶ୍ମିବାଳା ଯେନା ପ୍ରମୁଖ ଚାଷୀ ତହସିଲଦାରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ତହସିଲଦାର ପ୍ରଜ୍ଞାପରିମିତା ପୃଷ୍ଟି ଏହି ପତ୍ରକୁ ଗ୍ରହଣ କରିବା ସହ ଜିଲା କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ତୁରନ୍ତ ପଠାଇବାକୁ ପଦକ୍ଷେପ ନେବେ ବୋଲି କହିଥିଲେ।



ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ସ୍ମାରକପତ୍ର ଦେବାକୁ ଯାଉଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦେବାଶିଷ



@ କୃଷ୍ଣ



@ ସସ୍ମିତା



@ ଶିବରାମ



@ ଶୁଭଲକ୍ଷ୍ମୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜକନିକାରେ ୪,୮୯୦ ହେକ୍ଟର ନଷ୍ଟ ହୋଇଛି ଧାନ

**ରାଜକନିକା,୩୧।୧୨ (ସଞ୍ଜୟ କୁମାର ଦାଶ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ୨୯ଟି ପଞ୍ଚାୟତର ଚାଷୀ ୧୪,୫୮୦ ହେକ୍ଟର ଜମିରେ ଧାନ ଚାଷ କରିଥିଲେ। ଦିନ କେଇଟାରେ ଧାନକୁ ଘରକୁ ଆଣି ଅମଳ କରି ଆଣିଥାନ୍ତେ। ହେଲେ ଅଦିନିଆ ବର୍ଷା ଚାଷୀଙ୍କ ମୁହଁରୁ ବର୍ଷକର ଦାନା ଛଡ଼ାଇ ନେଇଛି। ଚାଷୀ କାଟିଥିବା ଧାନ କଚଡ଼ା ଓ କେତେକ ସ୍ଥାନରେ କଟା ହୋଇ ନ ଥିବା ପାଚିଲା ଧାନ ଆଣ୍ଠୁଏ ପାଣିରେ ବୁଡ଼ି ଗଜା ହୋଇଛି। କେମିତି ପରିବାର ଚଳିବ, କେଉଁଠୁ ଆଣି କରଜ ଟଙ୍କା ଶୁଝିବେ ସେହି ଚିନ୍ତା ଚାଷୀଙ୍କୁ ଏବେ ଘାରିଛି। ବ୍ଲକ କୃଷି ଅଧିକାରୀଙ୍କ ସୂଚନା ଅନୁଯାୟୀ ୧୪,୫୮୦ ହେକ୍ଟର ଜମିରେ ଚାଷୀ କରିଥିବା ଧାନ ଚାଷ ୧୬୮ଟି ଗାଁରେ ୪,୮୯୦ ହେକ୍ଟର ଅଧିକ ନଷ୍ଟ ହୋଇଥିବା ନେଇ କୃଷି ବିଭାଗ ଓ କନିକା ତହସିଲ ପକ୍ଷରୁ କ୍ଷୟକ୍ଷତିର ଅକଳନ କରି ଜିଲା ପ୍ରଶାସନକୁ ରିପୋର୍ଟ ଦେଇଥିବା ନେଇ କନିକା ତହସିଲଦାର ଅଶୋକ କୁମାର ଦେହୁରୀ ସୂଚନା ଦେଇଛନ୍ତି।

# ମଉଳି ଯାଇଛି ଡିମିରି ଫୁଲର ମହକ

**ଡେରାବିଶ, ୩୧।୧୨ (ବେବର୍ତ୍ତା ଅଜୟ ଦାସ)**

**ନାଟ୍ୟକାର ଅନନ୍ତ ଓଝାଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ମହୋତ୍ସବ**

ନାଟ୍ୟକାର ଅନନ୍ତ ଓଝାଙ୍କ ୭ମ ଶ୍ରାଦ୍ଧବାର୍ଷିକୀ ମହୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ବୀରନୀଳକଣ୍ଠପୁରରେ ଅନନ୍ତ ଓଝା ମେମୋରିଆଲ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା ଯୋଗଦେଇ ନାଟ୍ୟକାର ଅନନ୍ତଙ୍କ ଲିଖିତ ବହୁ ନାଟକ ଯାତ୍ରା ଜଗତରେ ଚହଳ ସୃଷ୍ଟି କରିପାରିଥିଲା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ନାଟ୍ୟକାର ଇଂ. ଆଶୁତୋଷ ମହାପାତ୍ର ଯୋଗଦେଇ ଅନନ୍ତଙ୍କ ଲିଖିତ ଲୋକପ୍ରିୟ ନାଟକ ଡିମିରି ଫୁଲର ମହକ ଆଜି ମଉଳି ଯାଇଛି ବୋଲି କହିଥିଲେ। ଚାରିଟେବୁଲ୍ ଟ୍ରଷ୍ଟର ସଭାପତି ହଳଧର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଅଜୟ କୁମାର ରାଉତ, ଭାଜପା ନେତା ତେଜେଶ୍ୱର ପରିଡ଼ା ଓ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ ଯୋଗଦେଇ ଅନନ୍ତଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କ ଅବର୍ତ୍ତମାନରେ ବୀରନୀଳକଣ୍ଠପୁର ଗାଁ ଦାଣ୍ଡରେ ଯାତ୍ରା କଳାକାରଙ୍କ କୋଳାହଳ ଶୂନ୍ୟ ହୋଇଯାଇଛି ବୋଲି କହିଥିଲେ। ଅତିଥି ଭାବେ ଯାତ୍ରା କଳାକାର ମିନୁ ମହାପାତ୍ର, କିଶୋର ରାଉତ, ମନୋଜ ନାୟକ, ସଞ୍ଜୟ ଭୋଳ ଓ ବହୁ କଳାକାର ନିଜର ବକ୍ତବ୍ୟ ରଖିଥିଲେ। ସଭାରେ ଟ୍ରଷ୍ଟର ସମ୍ପାଦକ ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ ସମ୍ପାଦକୀୟ ବିବରଣୀ, ଶିକ୍ଷାବିତ୍ ପ୍ରଦୀପ ନାୟକ ଅତିଥି ପରିଚୟ, ସବ୍ୟସାଚୀ ଓଝା ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଅନନ୍ତଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିବା ପରେ ପାୟଲ ମ୍ୟୁଜିକ କଳାକାରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ପରିବେଷଣ ହୋଇଥିଲା। ସଙ୍ଗୀତ ମୂର୍ଚ୍ଛନା ମଞ୍ଚ ଆନୁକୂଲ୍ୟରେ ନିରାକାର ମହାରଣାଙ୍କ ତତ୍ତ୍ୱାବଧାନରେ ନାଟକ କନ୍ଦରା ଦରବାର ମଞ୍ଚସ୍ଥ ହୋଇଥିଲା। ଏହାକୁ ଅଧ୍ୟାପକ ପ୍ରଭାକର ସାମଲ, ଭବାନୀ ପ୍ରସାଦ ଓଝା, ଅଭିମନ୍ୟୁ ରାଉତ, ସନ୍ତୋଷ କୁମାର ରାଉତ, ନାରାୟଣ ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।



ଶ୍ରାଦ୍ଧ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ନିମ୍ନମାନର ପିଚୁ କାମକୁ ବନ୍ଦ କଲେ ଲୋକେ

**ରାଜକନିକା,୩୧।୧୨ (ସଞ୍ଜୟ କୁମାର ଦାଶ)**

■ ବରାଡ଼ିଆ-ବାଘୁଆଶୁଣି ରାସ୍ତା
■ ହାତ ମାରିଲେ ଉଠି ଯାଉଛି ପିଚୁ, ନାହିଁ ସୂଚନା ଫଳକ

ରାଜକନିକା ବ୍ଲକର ବରାଡ଼ିଆଠାରୁ ବାଘୁଆଶୁଣି ପିଚୁ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମରାମତି କରାଯାଉଛି। ହେଲେ ଏହି ରାସ୍ତା କାମ ଏତେ ନିମ୍ନମାନର ହେଉଛି ଯେ, ହାତ ମାରିଲେ ଫଡ଼ା ଫଡ଼ା ହୋଇ ପିଚୁ ଉଠିଯାଉଛି। ଏହି କାମକୁ ବିରୋଧ କରି ଅଞ୍ଚଳବାସୀ ମଙ୍ଗଳବାର କାମ ବନ୍ଦ କରିଛନ୍ତି।

ବରାଡ଼ିଆ ଓ ଆଖୁଳିପଡା ପଞ୍ଚାୟତ ସମେତ ପ୍ରତିଦିନ ଏହି ରାସ୍ତାରେ ଦୈନିକ ଶହ ଶହ ଲୋକ ଯାତାୟତ କରିଥାନ୍ତି। ଏହି ରାସ୍ତାରେ ପିଚୁ ଉଠିଯିବା ସହ ମେଟାଲ, ମୋରମଗୁଡିକ ରାସ୍ତାରେ ପଡିରହିଥିଲା। ଫଳରେ ରାସ୍ତାରେ ଅନେକ ସମୟରେ ଦୁର୍ଘଟଣା ଘଟି ଲୋକ ଆହତ ହେଉଥିଲେ। ଏ ସମ୍ପର୍କରେ ଅଞ୍ଚଳବାସୀ ବହୁ ଦାବି ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବରାଡ଼ିଆଠାରୁ ବାଘୁଆଶୁଣି ୧.୫ କି.ମି. ରାସ୍ତାର ମରାମତି କାମ ଆରମ୍ଭ କରାଯାଇଛି। ଏହି ରାସ୍ତାରେ ବାଲି, ମାଟି ସଫା କରା ନ ଯାଇ ବାଲି ମିଶା ବଜୁରୀଗୁଡ଼ିରେ ପିଚୁ କାମ ଆରମ୍ଭ କରାଯାଇଥିଲା। ହେଲେ ପିଚୁ ପକାଇବା ସମୟରେ ରାସ୍ତା ଉପରେ ପକା ଯାଉଥିବା ପିଚୁ ପକାଯାଇ ନ ଥିଲା। ଫଳରେ ମାଟି ଉପରେ ପଡ଼ିଥିବା ପିଚୁକୁ ଲୋକମାନେ ହାତ ମାରିଲେ ଉଠି ଯାଉଛି। ଯାହାକୁ ନେଇ କିଛି ସମୟ ସେଠାରେ ଉତ୍ତେଜନା ଦେଖା ଦେଇଥିଲା। ଗାଁର ସୁବାସ ଚନ୍ଦ୍ର ଦିବେଦୀ, ନିଶିକାନ୍ତ ପଲାଇ, ସିଲୁ ସିଂ, ବିକ୍ରମ କୁମାର ମଲିକ, ବଳରାମ ସାହୁ, ସ୍ମୃତିରଞ୍ଜନ ଦ୍ୱିବେଦୀ, ପବିତ୍ର ମିଶ୍ର କହିଛନ୍ତି, ରାସ୍ତାରେ ବାଲି ଓ ମାଟି ସଫା ନ କରି ପିଚୁ ଛିଞ୍ଚି ମରାମତି କାମ କରାଯାଉଥିଲା। ବିଭାଗୀୟ ଜେଇଙ୍କର ଦେଖା ନ ଥିଲା। କାମ ଏତେ ନିମ୍ନମାନର ହେଉଥିଲା ଯେ, ପିଚୁକୁ ହାତରେ ଟେକିଲେ ରାସ୍ତାରୁ ଉଠିଯାଉଛି। ବିଭାଗ ପକ୍ଷରୁ କାମ ହେଉଥିବା ଜାଗାରେ ସୂଚନାଫଳକ ଲଗାଯାଇନାହିଁ। ପିଚୁ ତଳୁ କେବଳ ମାଟି ବାଲି ବାହାରୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ରାସ୍ତାଟି ନିର୍ବାଚନ ପୂର୍ବରୁ ମରାମତି କରାଯାଇଥିଲା। ହେଲେ ଏବେ ପୁଣି ମରାମତି ହେଉଛି। ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନେ ନିମ୍ନ ମାନର ମରାମତି କରି ଠିକାଦାର ଓ ଜେଇ ସରକାରୀ ଟଙ୍କା ଲୁଟ ହୋଇଛି। ତୁରନ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଏହି ରାସ୍ତାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଜ୍ୟୋର୍ତିମୟୀ ଦଳାଇଙ୍କୁ ପଚାରିବାରେ ୧.୫ କି.ମି. ରାସ୍ତା ମରାମତି କରାଯାଉଛି। ଏହି ରାସ୍ତା ପାଇଁ ୨୨ ଲକ୍ଷ ଟଙ୍କା ଅନୁଦାନ ମିଳିଛି। ନିମ୍ନମାନର କାମ ନେଇ ଅଭିଯୋଗ ଆସିବା ପରେ ଏହି କାର୍ଯ୍ୟ ବନ୍ଦ କରି ଦିଆଯାଇଛି ବୋଲି ସେ କହିଛନ୍ତି।



ନିମ୍ନମାନର କାମ ଯୋଗୁ ରାସ୍ତାରୁ ପିଚୁ ଉଠିଯାଇଛି।

# ଗୋଡ଼ିପଡ଼ା ବ୍ଲକ ଦାବି ତେଜିଲା

- ୫୪ ବର୍ଷ ହେଲା ଦାବି ହୋଇ ଆସୁଛି
- ବ୍ଲକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର
- ଆରମ୍ଭ ହେଲା ଦସ୍ତଖତ ସଂଗ୍ରହ ଅଭିଯାନ

ନୟାଗଡ଼,୩୧।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଗୋଡ଼ିପଡ଼ାକୁ ବ୍ଲକ ମାନ୍ୟତା ପ୍ରଦାନ ପାଇଁ ଗତ ୫୪ ବର୍ଷ ହେଲା ଦାବି ହୋଇ ଆସୁଛି । ସରକାରଙ୍କ ବ୍ଲକ ପୁନର୍ଗଠନ ନିଷ୍ପତ୍ତି ସେମାନଙ୍କ ଦାବିକୁ ତ୍ୱରାନ୍ୱିତ କରିଛି । ନୟାଗଡ଼, ରଣପୁର ଓ ଓଡ଼ଗାଁ ବ୍ଲକର ମଧ୍ୟବର୍ତ୍ତୀ ଅଞ୍ଚଳରେ ରହିଥିବା ଗୋଡ଼ିପଡ଼ା ବ୍ଲକ ହେବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ରହିଛି । ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ମଧ୍ୟ ବ୍ଲକ୍ ପୁର୍ନଗଠନ କମିଟି ଗୋଡ଼ିପଡ଼ା ବ୍ଲକ ପାଇଁ ସୁପାରିଶ କରିଥିଲା । ତେବେ କେନ୍ଦ୍ର ସରକାରଙ୍କ ଗ୍ରୀନ୍ ସିଗ୍ନାଲ ମିଳି ନ ଥିବାରୁ ବ୍ଲକ୍ ଗଠନ ଦାବି ବନ୍ଦ ରହିଥିଲା । ଏବେ ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ଥିବାରୁ ରାଜ୍ୟ ସରକାରଙ୍କ ବ୍ଲକ ପୁର୍ନଗଠନ ନିଷ୍ପତ୍ତିର ଫାଇଦା ଗୋଡ଼ିପଡ଼ା ନେବ ବୋଲି ଆଶା ସଞ୍ଚାର ହୋଇଛି ।

ସୂଚନା ଅନୁଯାୟୀ, ଗୋଡ଼ିପଡ଼ା ହେଉଛି ନୟାଗଡ଼, ରଣପୁର ଓ ଓଡ଼ଗାଁ ବ୍ଲକର ମଧ୍ୟବର୍ତ୍ତୀ ଅଞ୍ଚଳ । ଗୋଡ଼ିପଡ଼ାଠାରୁ ୩ ବ୍ଲକର ଦୂରତା ୨୫ କିମି ରହିଛି । ଗୋଡ଼ିପଡ଼ା ଓଡ଼ଗାଁ ବ୍ଲକରେ ରହିଥିବାବେଳେ ଗୋଡ଼ିପଡ଼ା ଓ ଆଖପାଖ ୧୭ଟି ପଞ୍ଚାୟତର ଜନସାଧାରଣ ୨୫ କିମି ଯାଇ ସେମାନଙ୍କ ବ୍ଲକ, ତହସିଲ ଓ ଅନ୍ୟାନ୍ୟ କାମ କରିବା ନେଇ ହଇରାଣ ହୋଇ ଆସୁଛନ୍ତି । ପୁଣି ରଣପୁର, ନୟାଗଡ଼ ଓ ଓଡ଼ଗାଁ ବ୍ଲକରେ ପଞ୍ଚାୟତ ସଂଖ୍ୟା ବୃଦ୍ଧି ପାଇଛି । ୩ଟି ବ୍ଲକରୁ କିଛି ପଞ୍ଚାୟତକୁ ଅଣାଯାଇ ଗୋଡ଼ିପଡ଼ା ବ୍ଲକରେ ରଖାଗଲେ ୩ ବ୍ଲକର ସୀମାନ୍ତ ଅଞ୍ଚଳ ଲୋକେ ଉପକୃତ ହେବେ । ଅନ୍ୟପକ୍ଷେ ଓଡ଼ଗାଁ ବ୍ଲକର ଗୋଡ଼ିପଡ଼ା, ଡିମିଶର, ହରିଡାବନ୍ଧ, ବଡ଼ଗୋରଡ଼ା, ବରସାହି, ଶିଖରପୁର, ଆଙ୍ଗିସିଙ୍ଗି, ପଞ୍ଚୁମୁ, ଭାଲିଆଡିହି, କଜଳାଇପଲ୍ଲୀ, ଗୋଲଗାଁ, ରଣପୁର ବ୍ଲକର ଦର୍ପନାରାୟଣପୁର, ଡମସାହି, ଖଡିଆ, ରଙ୍କଦେଉଳି, ବନ୍ଧମୁଣ୍ଡା, ନୟାଗଡ଼ ବ୍ଲକ କାଳିକାପ୍ରସାଦ ପଞ୍ଚାୟତ ପ୍ରମୁଖ ୧୭ ପଞ୍ଚାୟତ ବାସିନ୍ଦାଙ୍କ ଗୋଡ଼ିପଡ଼ାରେ ରହିବାକୁ ବହୁ ପୂର୍ବରୁ ସହମତି ରହିଛି । ଏଭଳିସ୍ଥଳେ ବିଭିନ୍ନ ସମୟରେ ବ୍ଲକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୈଠକ କରାଯାଇ ଗୋଡ଼ିପଡ଼ାରେ ବ୍ଲକ୍ କରିବାକୁ ସହମତି ପ୍ରକାଶ ପାଇ ଆସିଛି । ଏନେଇ ବିଭିନ୍ନ ସମୟରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଯାଇଛି ।

ଗତ ୨୦୨୧ ଅଗଷ୍ଟ ୨୨ରେ ଗୋଡ଼ିପଡ଼ା ବ୍ଲକ ସମ୍ପର୍କରେ ଆଲୋଚନା ପାଇଁ ଏକ ବୈଠକ ଗୋଡ଼ିପଡ଼ାରେ ଅନୁଷ୍ଠିତ ହୋଇଥିଲା । ଆନନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱ ଓ ପଞ୍ଚୁମୁ ପଞ୍ଚାୟତର ପୂର୍ବତନ ସରପଞ୍ଚ କୁବେର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ୧୧ ପଞ୍ଚାୟତର ଲୋକେ ବ୍ଲକରେ ରହିବା ପାଇଁ ସହମତି ପ୍ରକାଶ କରିଥିଲେ । ଏଥିରେ ଶିଖରପୁର, ଆଙ୍ଗିସିଙ୍ଗି, ବଡ଼ଗୋରଡ଼ା, ଡିମଶର, ଗୋଡ଼ିପଡ଼ା, ହରିଡାବନ୍ଧ, ପଞ୍ଚୁମୁ, ଭାଲିଆଡିହି, ଗୋଲଗାଁ, କଜଳାଇପଲ୍ଲୀ, ବରସାହି, ଡମସାହି ପ୍ରଭୃତି ୧୧ ପଞ୍ଚାୟତର ପ୍ରମୁଖ ଲୋକ, ଲୋକ ପ୍ରତିନିଧି ଯୋଗ ଦେଇଥିଲେ । ଶରଣକୁଳ ଜୋନର ଶରଣକୁଳ ଓ ହରିହରପୁର ପଞ୍ଚାୟତକୁ ନେଇ ଶରଣକୁଳ ଏନ୍ଏସି ଗଠନ ପାଇଁ ସେ ସମୟରେ ପ୍ରସ୍ତାବ ଥିଲା । ସରକାର ଶରଣକୁଳକୁ ଏନ୍ଏସି ଘୋଷଣା କରିଥିବାବେଳେ ଶରଣକୁଳ ଓ ହରିହରପୁର ଆଦି ୨ ପଞ୍ଚାୟତକୁ ଛାଡି ସୋଲପଟା, ଗୋଟିସାହି, ମଗରବନ୍ଧ, ଗୋଡିପଲ୍ଲୀ, ପଞ୍ଚରିଡା ମାନପୁର ପ୍ରମୁଖ ୫ ପଞ୍ଚାୟତକୁ ଗୋଡ଼ିପଡ଼ା ବ୍ଲକ ପାଇଁ ସାମିଲ କରାଯିବାକୁ ପ୍ରସ୍ତାବ ଆସିଥିଲା । ପରେ ଏହା ଗୃହୀତ ହୋଇଥିଲା । ଗୋଡ଼ିପଡ଼ାରେ ବ୍ଲକ ହେଲେ ୩ଟି ବ୍ଲକର ସୀମାନ୍ତ ଅଞ୍ଚଳ ଲୋକ ଉପକୃତ ହେବେ । ଏନେଇ ବ୍ଲକ୍ କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ବସନ୍ତ ନାୟକ କୁହନ୍ତି, ପୁରୀ ଜିଲାରେ ବର୍ତ୍ତମାନର ନୟାଗଡ଼ ଜିଲା ଥିବାବେଳେ ୧୯।୧୧।୧୯୯୧ ମସିହାରେ ଗୋଡ଼ିପଡ଼ାରେ ବ୍ଲକ ପାଇଁ ସହମତି ପ୍ରକାଶ ପାଇଥିଲା । ପୁରୀ ଜିଲା ଜିଲା ଉନ୍ନୟନ କମିଟିରେ ତତ୍କାଳୀନ ରଣପୁର ବିଧାୟକ ଶରତ ଚନ୍ଦ୍ର ମିଶ୍ର ଗୋଡ଼ିପଡ଼ାରେ ବ୍ଲକ୍ ଗଠନ କରିବାର ପ୍ରସ୍ତାବ ରଖିଥିଲେ । ସେ ସମୟରେ ଜିଲା ଉନ୍ନୟନ କମିଟିରେ ସଂପୃକ୍ତ ପ୍ରସ୍ତାବ ଗୃହୀତ ହୋଇ ସହମତି ପାଇଥିଲା । ୧୯୯୩ ମସିହାରେ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀ ସମୟରେ ବ୍ଲକ ପୁର୍ନଗଠନ କମିଟି କମିଶନର ଏନ୍.ଆର.ହୋତା ଗୋଡ଼ିପଡ଼ାରେ ଏକ ସଭା କରି ଗୋଡ଼ିପଡ଼ା ବ୍ଲକ ପାଇଁ ଲୋକଙ୍କର ମତାମତ ନେଇଥିଲେ । ଏପରିକି ସ୍ଥାନୀୟ ଅଞ୍ଚଳରେ ବ୍ଲକ୍ କରାଗଲେ ସୁବିଧା ହେବ କି ନାହିଁ ଅନୁଧ୍ୟାନ କରିଥିଲେ । ସେ ସମୟରେ ୧୭ ପଞ୍ଚାୟତର ଦାବିକୁ ଆଖି ଆଗରେ ରଖି ଗୋଡ଼ିପଡ଼ାରେ ବ୍ଲକ କରାଯିବା ପାଇଁ ବ୍ଲକ ପୁର୍ନଗଠନ କମିଟି କମିଶନର ଏନ୍.ଆର୍. ହୋତା ସୁପାରିଶ କରିଥିଲେ । ଅନ୍ୟ ସମୟରେ ବିଭିନ୍ନ ସମୟରେ ବ୍ଲକ ପାଇଁ ସ୍ଥାନୀୟ ବାସିନ୍ଦା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଇ ଆସୁଛନ୍ତି ବୋଲି କହିଛନ୍ତି ।




@ ଦେବାଶିଷ


@ କୃଷ୍ଣ


@ ସସ୍ମିତା


@ ଶିବରାମ


@ ଶୁଭଲକ୍ଷ୍ମୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗୋବିନ୍ଦ ଚନ୍ଦ୍ର ଥିଲେ ସ୍ୱାଧୀନତା ସଂଗ୍ରାମର ଏକ ଅନିର୍ବାଣ ଅଗ୍ନିଶିଖା

### ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଜୟନ୍ତୀ


ଗୋବିନ୍ଦଚନ୍ଦ୍ର ମିଶ୍ରଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତି ।

ନୟାଗଡ଼,୩୧।୧୨ (ଲୋକନାଥ ମିଶ୍ର)

ଓଡ଼ିଶାର ଗାନ୍ଧୀବାଦୀ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ୧୩୫ ତମ ଜୟନ୍ତୀ ନୟାଗଡ଼ ସହର ହାଉସିଂ ବୋର୍ଡ ନିକଟ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ପାଳିତ ହୋଇ ଯାଇଛି। ଏ ଅବସରରେ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ପରିଷଦ ସମ୍ପାଦକ ପ୍ରଦୀପ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗଦେଇ ମିଶ୍ରଙ୍କ ସ୍ମୃତି ଚାରଣ କରିଥିଲେ। ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ଥିଲେ ସ୍ୱାଧୀନତା ସଂଗ୍ରାମର ଏକ ଅର୍ନିବାଣ ଅଗ୍ନିଶିଖା । ଏଣୁ ଛାତ୍ରୀଛାତ୍ର ମିଶ୍ରଙ୍କ ଜୀବନୀ ବିଷୟରେ ପଢିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସେ ନୟାଗଡ଼ ମାଟିର ପ୍ରଥମ ରାଜ୍ୟସଭା ସଦସ୍ୟ। ଗାନ୍ଧୀବାଦୀ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କର ସ୍ମୃତି ଚାରଣ ହିଁ ଆମ ସମସ୍ତଙ୍କ ଜାତୀୟ କର୍ତ୍ତବ୍ୟ ବୋଲି ସମସ୍ତଙ୍କୁ ନିବେଦନ କରିଥିଲେ। ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ପରିଷଦ,ନୟାଗଡ଼ର ସଭାପତି ପ୍ରସନ୍ନ କୁମାର ପଣ୍ଡା, ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ସମ୍ପାଦକ ଶ୍ରୀଧର ସାହୁ, ସ୍ମୃତି ପରିଷଦର ସଦସ୍ୟ ପ୍ରମୋଦ ପଟ୍ଟନାୟକ,ଗୋଦାବରୀଶ ସାହୁ, ଅନାଦି ଚରଣ ମହାନ୍ତି,କାମାକ୍ଷା ପ୍ରସାଦ ଦାସ, ଭଗବତୀ ଚରଣ ପଟ୍ଟନାୟକ,ବସନ୍ତ କୁମାର ରାଉତ ଓ ରାଜକିଶୋର ଦଳେଇ ପ୍ରମୁଖ ଯୋଗ ଦେଇ ବିପ୍ଳବୀ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ।

## ପୁରାତନ ଛାତ୍ରଙ୍କ ବାର୍ଷିକ ବନ୍ଧୁମିଳନ

- ପାଳିତ ହେଲା ଛେନାପୋଡ଼ ଦିବସ
- ନୂଆ ବର୍ଷ ପାଇଁ ଚଳଚଞ୍ଚଳ ବାଗ୍‌ଦେବୀ ପୀଠ

ଓଡ଼ଗାଁ,୩୧।୧୨
(ଆଦର୍ଶ କୁମାର ପଟ୍ଟନାୟକ )

ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ହାଇସ୍କୁଲ ୧୯୯୬ ମାଟ୍ରିକ ବ୍ୟାଚ ଛାତ୍ରଙ୍କ ବାର୍ଷିକ ବନ୍ଧୁମିଳନ ଓଡ଼ଗାଁ ପର୍ଯ୍ୟଟନସ୍ଥଳୀ ତଥା କୁରାଳ ନିକଟ ମା' ବାଗଦେବୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ପ୍ରାକ୍ତନ ଛାତ୍ର ପ୍ରକାଶ କୁମାର ପ୍ରଧାନ,ଅଜିତ କୁମାର ସାହୁ,ଶରତ ବେହେରା,ପ୍ରଶାନ୍ତ କୁମାର ପାତ୍ର,ସନ୍ତୋଷ କୁମାର ପାତ୍ର,ଶେଷଦେବ ପାଣିଗ୍ରାହୀ,ଦିଲୀପ କୁମାର ଦାସ, ରଙ୍କନିଧି ବେହେରା,ପ୍ରଦ୍ୟୁମ୍ନ କୁମାର ନାୟକ,ଗଣେଶ୍ୱର ସାହୁ,ସାବିତ୍ରୀ ପ୍ରଧାନ,ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ,ପ୍ରଭାତୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥଲା ।ସମସ୍ତ ଛାତ୍ରୀଛାତ୍ର ମିଳିତହୋଇ ଅତୀତର ସ୍ମୃତିକୁ ମନେ ପକାଇଥିଲେ। ଏହି ଅବସରରେ ଛେନାପୋଡ଼ ଦିବସ ପାଳିତ ହୋଇଥିଲା। କୁରାଳ ଗ୍ରାମପଞ୍ଚାୟତର ସମିତିସଭ୍ୟା କନକ ପାତ୍ର ଓ ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ପ୍ରଭାତ ପ୍ରଧାନ ଛେନାପୋଡ଼ କାଟି ପବିତ୍ର ଛେନାପୋଡ଼ ଦିବସ ପାଳନ କରିବା ସହିତ ସମସ୍ତଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ ।

## ପୋଖରୀରୁ ବଉଳା କୁମ୍ଭୀର ଉଦ୍ଧାର

ଖଣ୍ଡପଡ଼ା,୩୧।୧୨
(ଅଜୟ କୁମାର ମହାରଣା)

କଣ୍ଟିଲୋ ପଞ୍ଚାୟତ ଅଧୀନ ଭରତ ସାମନ୍ତରାୟ ପୋଖରୀରୁ ମଙ୍ଗଳବାର ଏକ ଭିନ୍ନ ପ୍ରଜାତିର ବଉଳା କୁମ୍ଭୀର ଉଦ୍ଧାର ହୋଇଛି । ପୋଖରୀରୁ ମାଛ ମରାଯାଉଥିବା ବେଳେ ମାଛ ମାରୁଥିବା କୈବର୍ତ୍ତଙ୍କ ଜାଲରେ ଏହି ଭିନ୍ନ ପ୍ରଜାତିର କୁମ୍ଭୀରଟି ପଡିଥିଲା । ମହାନଦୀ ନିକଟରେ ଥିବା ଏହି ପୋଖରୀକୁ କୁମ୍ଭୀରଟି ଖାଦ୍ୟ ଅନ୍ୱେଷଣରେ ଚାଲିଆସିଥିବା ସାଧାରଣରେ ଆଲୋଚନା ହେଉଛି । ତେବେ ସ୍ଥାନୀୟ ଅଞ୍ଚଳର କୈବର୍ତ୍ତ ସୁବାସ ଚନ୍ଦ୍ର ଖଟୁଆ ବାଲେଶ୍ୱରରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ମାଛ ଜାଆଁଳ ଉକ୍ତ ପୋଖରୀରେ ଛାଡିଥିଲେ । କୁମ୍ଭୀରଟି ସେହି ଜାଆଁଳକୁ ଖାଇ ପୋଖରୀରେ ରହିଯାଇଥିବା ମାଛ ଚାଷୀ ଖଟୁଆ ଅଭିଯୋଗ କରିଛନ୍ତି। ଖଟୁଆଙ୍କୁ କ୍ଷତିପୂରଣ ବାବଦ ସହାୟତା ରାଶି ଯୋଗାଇ ଦେବାକୁ ଦାବି ହେଉଛି । ଖବର ପାଇ ଭାପୁର ବନପାଳ ବନମାଳୀ ରାଉତ ପହଞ୍ଚି ଉଦ୍ଧାର କୁମ୍ଭୀରକୁ ନେଇ ଯାଇଛନ୍ତି । ୨ଫୁଟ ଲମ୍ବର ଉକ୍ତ କୁମ୍ଭୀରର ବୟସ ୩ବର୍ଷ ହେବ । ତାକୁ ସାତକୋଶିଆ ଗଣ୍ଡରେ ଛଡାଯିବ ବୋଲି ସୂଚନା ମିଳିଛି ।

## ବିଜେଡିପି ସୁପରଷ୍ଟ୍ରାଇକର୍ସ ଚାମ୍ପିୟନ

### ପଞ୍ଚୁପଲ୍ଲୀ ପ୍ରଗଣା ପ୍ରିମିୟର ଲିଗ୍

ଗଣିଆ,୩୧।୧୨
(ସନ୍ତୋଷ କୁମାର ପ୍ରଧାନ)



ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି।

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ବେଣ୍ଟପଡ଼ାସ୍ଥିତ ଗୁପ୍ତେଶ୍ୱର ବିଦ୍ୟାପୀଠ ଖେଳପଡ଼ିଆରେ ମଙ୍ଗଳବାର ପଞ୍ଚୁପଲ୍ଲୀପ୍ରଗଣା ପ୍ରିମିୟର ଲିଗ୍ ସିଜନ-୨ରେ ବିଜେଡିପି ସୁପରଷ୍ଟ୍ରାଇକର୍ସ ୪୪ ରନରେ ମଣିନାଗ ରୟାଲ କିଙ୍ଗ୍‌କୁ ହରାଇ ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚରେ ପ୍ରଥମେ ବିଜେଡିପି ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୮ଉଇକେଟ ହରାଇ ୧୨୪ ରନ କରିଥିଲା । ଜବାବ୍‌ରେ ମଣିନାଗ ରୟାଲ କିଙ୍ଗ୍ ୧୦ ଓଭରରେ ୮ ଉଇକେଟ ହରାଇ ୮୦ରନ କରି ପରାଜିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ସମ୍ମାନିତ ଅତିଥି ଛାମୁଣ୍ଡିଆ ସରପଞ୍ଚ ଦୀପ୍ତିରେଖା ସେନାପତି, ଆଡକଟା ସରପଞ୍ଚ ସୁବାସିନୀ ବାରିକ, କରଡ଼ାପଡ଼ା ସରପଞ୍ଚ ପ୍ରମୋଦିନୀ ସାହୁ, ଛାମୁଣ୍ଡିଆ ନାଏବ ସରପଞ୍ଚ ସରସ୍ୱତୀ ରାଉତ, ପିପିଏଲ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ରାଉତ ସଭାପତି ଶ୍ରୀନିବାସ ବେହେରା ପ୍ରମୁଖ ଯୋଗଦେଇ ଚାମ୍ପିୟନ ବିଜେଡିପି ସୁପରଷ୍ଟ୍ରାଇକର୍ସ ମାଲିକ ସୁଶୀଲ କୁମାର ନାୟକ ଓ ଖେଳାଳୀଙ୍କୁ ଟ୍ରଫି ସହ ନଗଦ ୩୦ହଜାର ଟଙ୍କା ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। ସେହିପରି ରନର୍ସଅପ୍ ଟିମ ମଣିନାଗ ରୟାଲ କିଙ୍ଗ୍ ଦଳକୁ ଟ୍ରଫି ସହ ନଗଦ ୨୦ହଜାର ଟଙ୍କା , ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ଭାବେ ମନୋଜ ରଣା, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଭାସ ଦଳେଇ, ବେଷ୍ଟ ବୋଲର କାହ୍ନା ଦଳେଇ, ବେଷ୍ଟ ସିକ୍ସର ଦେବୀପ୍ରସାଦ ଦଳେଇ, ବେଷ୍ଟ ଫୋର ପିଣ୍ଟୁ ସାମଲ, ପର୍ପଲ କ୍ୟାପ କାହ୍ନା ଦଳେଇ, ଅରେଞ୍ଜ କ୍ୟାପ ମନୋଜ ରଣାଙ୍କୁ ପୁରସ୍କୃତ କରାଯାଇଥିଲା । ଖେଳ ପରିଚାଳନା କରିଥିଲେ ମହେଶ୍ୱର ମାଝି ଓ ଶ୍ରୀକାନ୍ତ ବେହେରା ।

## ଯୋଗିଯୋଗିଆଣୀ ପୀଠରେ ସାଧୁମେଳା ଆଜି

ଖଣ୍ଡପଡା,୩୧।୧୨
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲାର ଏକମାତ୍ର ବୌଦ୍ଧପୀଠ ଖଣ୍ଡପଡ଼ା ବ୍ଲକର କୋସକା ପଞ୍ଚାୟତସ୍ଥିତ ଯୋଗିଯୋଗିଆଣୀ ପୀଠରେ ପ୍ରତିବର୍ଷ ପରି ଚଳିତ ବର୍ଷ ଜାନୁୟାରୀ ୧ରେ ସାଧୁସନ୍ଥ ମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ । ମେଳାରେ ସହଯୋଗ କରୁଥିବା ୨୧ଖଣ୍ଡ ଗ୍ରାମବାସୀ ମେଳାକୁ ଅଧିକ ସରସ ସୁନ୍ଦର ଓ ଶୃଙ୍ଖଳିତ କରିବା ପାଇଁ ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ସାଧୁସନ୍ଥ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ସାଧୁସନ୍ଥଙ୍କ ସମାଗମ ହେଉଥିବାରୁ ଏଥି ପାଇଁ ସମସ୍ତ ଆନୁସଙ୍ଗୀକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଅଞ୍ଚଳବାସୀଙ୍କ ସୂତ୍ରରୁ ପ୍ରକାଶ । ପ୍ରକାଶ ଥାଉକି, ଯୋଗିଯୋଗିଆଣୀ ବୌଦ୍ଧ ପୀଠକୁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପରିବେଶ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରିବା ପରେ ବୌଦ୍ଧ ପୀଠର ଭିତ୍ତିଭୂମିର ବିକାଶ ଦିଗରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଚାଲୁ ରହିଛି।

## ଗୋଚର ଜମିରୁ ମାଟି ଚୋରାଚାଲାଣ

ନୟାଗଡ଼,୩୧।୧୨(ଲୋକନାଥ ମିଶ୍ର):

ଓଡ଼ଗାଁ ତହସିଲ ଦଣ୍ଡୋର ରାଜସ୍ୱ ଗ୍ରାମର ନଟିବଣିଆ ଓ ଦଣ୍ଡୋର, ନବରତ୍ନପୁର ରାଜସ୍ୱ ଗ୍ରାମର ଲିଙ୍ଗରାଜ ପ୍ରସାଦରେ ଗୋଚର ଜମିରୁ ଅବାଧରେ ମାଟି ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଏନେଇ ମୁଖମନ୍ତ୍ରୀଙ୍କ ନିକଟର ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଗୋଚର ଜମିରୁ ମାଟି ଚୋରାଚାଲାଣ ଯୋଗୁ ଗାଈଗୋରୁ,ଛେଳି ମେଣ୍ଢାଙ୍କ ଚରିବା ପାଇଁ ସ୍ଥାନ ଅଭାବ ଦେଖା ଦେଇଛି। ମାଟି ଚୋରା ଚାଲାଣ ଯୋଗୁ ଅନେକ ବୁଦା ଓ ଗଛ ନଷ୍ଟ ହୋଇ ସାରିଲାଣି। ଏହା ପରିବେଶ ସନ୍ତୁଳନରେ



ବାଧକ ସାଜିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଜିଲା ପ୍ରଶାସନ ଏ ସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

## ଶରଣକୁଳ ମହାବିଦ୍ୟାଳୟ ଇତିହାସ ବିଭାଗର ପାଠଚକ୍ର

ଶରଣକୁଳ,୩୧।୧୨(ଦୀପକ କର)



ଇତିହାସ ବିଭାଗ ପାଠଚକ୍ରରେ ମଞ୍ଚାସୀନ ଅତିଥି।

ଶରଣକୂଳ ମହାବିଦ୍ୟାଳୟର ଇତିହାସ ବିଭାଗ ତରଫରୁ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ମହାପାତ୍ରଙ୍କ ପୌରୋହିତରେ ଆୟୋଜିତ ପାଠଚକ୍ରରେ ଭାରତରେ ଜାତୀୟତାବାଦୀ ଆନ୍ଦୋଳନରେ ଆଇନ ଅମାନ୍ୟ ଆନ୍ଦୋଳନର ଗୁରୁତ୍ୱ ସମ୍ପର୍କିତ ଆଲୋଚନାରେ ଆଧାର ପୁରୁଷ ଭାବେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଶ୍ରଦ୍ଧାଞ୍ଜଳୀ ତ୍ରିପାଠୀ ଯୋଗଦେଇ ସବିଶେଷ ଆଲୋଚନା କରିଥିଲେ। ବିଭାଗର ଛାତ୍ର ରାଜେନ୍ଦ୍ର ଡାକୁଆ, କୌଶଲ୍ୟା ଜେନା, ବାଦଲ ବିଶ୍ୱାଳ, କାଜଲ ମହାପାତ୍ର ଏବଂ ଅଧ୍ୟାପକ ମଗଶିର ମେହେର , ଅଧ୍ୟାପିକା ରେକସୋନା ସାହୁ ସନ୍ଦର୍ଭ ପାଠ କରିଥିଲେ। ବିଭାଗୀୟ ମୁଖ୍ୟ ନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସଂସ୍କୃତ ବିଭାଗ ମୁଖ୍ୟ ତ୍ରିନାଥ ପରିଡ଼ା ଓ କ୍ରୀଡା ଶିକ୍ଷକ ମନୋରଞ୍ଜନ ଦାଶ ଯୋଗଦାନ କରିଥିଲେ। ଇତିହାସ ବିଭାଗର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ର ରାଜେନ୍ଦ୍ର ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଶାଳଝରିଆ ଟିମ୍ ଚାମ୍ପିୟନ

### ରାକେଶ ମେମୋରିଆଲ ଆରସିଏ କପ୍

ଓଡ଼ଗାଁ,୩୧।୧୨
(ଆଦର୍ଶ କୁମାର ପଟ୍ଟନାୟକ )

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ରଙ୍ଗଣୀପାଟଣା ରାଧାକାନ୍ତ କ୍ରିକେଟ୍ ଆସୋସିଏଶନ (ଆରସିଏ) ଦ୍ୱାରା ଆୟୋଜିତ ରାକେଶ ମେମୋରିଆଲ ୫ମ କ୍ରିକେଟ ଟୁର୍ନାମେଣ୍ଟ-୨୦୨୪ ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ଫାଇନାଲ ମ୍ୟାଚରେ ଆୟୋଜକ ରଙ୍ଗଣୀପାଟଣାକୁ ହରାଇ ଶାଳଝରିଆ ୫ମ ଆରସିଏ କପ୍ ଚାମ୍ପିୟନ ହୋଇଛି । ଆୟୋଜକ ଅନୁଷ୍ଠାନର ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁସାରେ ଫାଇନାଲରେ ଉଭୟ ଦଳ ମଧ୍ୟରେ ୩ଟି ମ୍ୟାଚ ଖେଳାଯାଇଥିଲା । ଆଜିର ପ୍ରଥମ ଫାଇନାଲ ମ୍ୟାଚରେ ଆୟୋଜକ ରଙ୍ଗଣିପାଟଣା ଟସ୍ ଜିତି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ବିନିମୟରେ ୧୦୧ ରନ କରିଥିବା ବେଳେ ଶାଳଝରିଆ ୭.୪ ଓଭରରେ ଏକ ଉଇକେଟ ପ୍ରତିବଦଳରେ ୧୦୫ ରନ କରି ୯ ଉଇକେଟରେ ବିଜୟ ହାସଲ କରିଥିଲା । ସେହିପରି ଦ୍ୱିତୀୟ ଫାଇନାଲରେ ଆୟୋଜକ ରଙ୍ଗଣୀପାଟଣା ପୁନର୍ବାର ଟସ୍ ଜିତି ନିର୍ଦ୍ଧାରିତ ୬ ଓଭର ଓ ୩ ଉଇକେଟ ବିନିମୟରେ ୮୦ ରନ ସଂଗ୍ରହ କରିଥିବା ବେଳେ ଶାଳଝରିଆ ୬ ଓଭର ୪ ଉଇକେଟ ବିନିମୟରେ ମାତ୍ର ୬୨ ରନ କରିବାକୁ ସକ୍ଷମ ହୋଇଥିଲା । ଫଳରେ ଦ୍ୱିତୀୟ ଫାଇନାଲ ମ୍ୟାଚ ୧୮ ରନରେ ଆୟୋଜକ ରଙ୍ଗଣୀପାଟଣା ବିଜୟ ହୋଇଥିଲା । ଉଭୟ ଦଳ ୧-୧ ରେ ବରାବର ସ୍ଥିତିରେ ରହିଥିବା ବେଳେ ତୃତୀୟ ତଥା ଶେଷ ଫାଇନାଲ ମ୍ୟାଚରେ ଶାଳଝରିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪ ଓଭରରେ ୩ ଉଇକେଟ ବିନିମୟରେ ୫୮ ରନ କରିଥିଲେ । ଏହାର ପ୍ରତିବଦଳରେ ଆୟୋଜକ ରଙ୍ଗଣୀପାଟଣା ୩ ଉଇକେଟ ବିନିମୟରେ ୪୮ ରନ ପାଇଁ ସକ୍ଷମ ହୋଇ ଶେଷରେ ୧୦ ରନରେ ପରାସ୍ତ ହୋଇଥିଲେ । ଚାମ୍ପିୟନ ଦଳର ଜଗନ୍ ମ୍ୟାନ ଅଫ୍ ଦି ସିରିଜ ଆଖ୍ୟା ପାଇଥିଲେ । ଫାଇନାଲ ମ୍ୟାଚର ମୁଖ୍ୟ ଅତିଥି ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇଙ୍କ ଠାରୁ ଚାମ୍ପିୟନ ଦଳ ଶାଳଝରିଆ ନଗଦ ୧୫ ହଜାର ଟଙ୍କା ସହ ବିଜୟୀ ଟ୍ରଫି ହାସଲ କରିଥିଲେ । ଆୟୋଜକ ରଙ୍ଗଣୀ ପାଟଣା ଦଳ ରନର୍ସଅପ୍ ଭାବେ ୧୦ ହଜାର ଟଙ୍କା ସହିତ ଟ୍ରଫି ଗ୍ରହଣ କରିଥିଲେ । ମୁଖ୍ୟବକ୍ତା ଭାବେ ଖେଳ ମଣିଷ ଦିବାକର ନାୟକ, ସମ୍ମାନିତ ଅତିଥି ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଓଡ଼ଗାଁ ଥାନା ସବ୍‌ଇନ୍ସପେକ୍ଟର ଚକ୍ରଧର ସିଂ, ଓଡ଼ଗାଁ ବନାଞ୍ଚଳ ଅଧିକାରୀ ନିଖିଲେଶ ମଲିକ, ରଙ୍ଗଣୀପାଟଣା ସରପଞ୍ଚ ସସ୍ମିତା ପାତ୍ର ଯୋଗ ଦେଇଥିଲେ । ସାର୍ଥକ ଷଡ଼ଙ୍ଗୀ, ଭେଙ୍କଟ ପାଣିଗ୍ରାହୀ ଓ ସୁକାନ୍ତ ସାହୁଙ୍କ ଦ୍ୱାରା ଫାଇନାଲ ମ୍ୟାଚ୍ ପରିଚାଳିତ ହୋଇଥିଲା ।

